**ଝୁଲା ବିଧାନସଭା ■ ବିଜେପି ସର୍ବବୃହତ ଦଳ ■ ସରକାର ଗଠନ ପାଇଁ କଂଗ୍ରେସ-ଜେଡିଏସ୍ ମେଣ୍ଟ ■ ରାଜ୍ୟପାଳଙ୍କ କୋର୍ଟରେ ବଲ୍**

# ରୋଚକ ମୋଡ଼ରେ କର୍ଣ୍ଣାଟକ ନାଟକ

ବେଙ୍ଗାଲୁରୁ, ୧୫ା୫/ପିଟି : କର୍ଣ୍ଣାଟକ ବିଧାନସଭା ନିର୍ବାଚନ ଉପରେ ସାରା ଦେଶର ନଜର ରହିଥିଲା ବେଳେ ଚୂଡ଼ାନ୍ତ ଫଳାଫଳ ସବୁ ହିସାବକୁ ଗୋଳମାଳ କରିଦେଇଛି । ବିଜେପି ସର୍ବାଧିକ ଆସନ ହାସଲ କରି ଏକକ ସଂଖ୍ୟାଗରିଷ୍ଠ ଦଳ ହୋଇଥିଲେ ମଧ୍ୟ ମ୍ୟାଜିକ୍ ନମ୍ବରରେ ପହଞ୍ଚି ପାରି ନାହିଁ । ଅପରପକ୍ଷରେ ଦୀର୍ଘ ଦିନ ଧରି କ୍ଷମତାରେ ରହି ବଦନାମ ହୋଇଥିବା କଂଗ୍ରେସ ଦ୍ୱିତୀୟ ସ୍ଥାନକୁ ଖସିଆସିବାରୁ ବିଜେପିକୁ କ୍ଷମତା ଠାରୁ ଦୂରେଇ ରଖିବା ଉଦ୍ଦେଶ୍ୟରେ ତୃତୀୟ ସ୍ଥାନ ହାସଲ କରିଥିବା ଜେଡିଏସ୍ ସହ ତୁରନ୍ତ ହାତ ମିଳାଇ ସରକାର ଗଠନରେ ସହଯୋଗ କରିବାକୁ ଆଗେଇ ଆସିଛି । ସୁଯୋଗକୁ ଅନାଇ ବସିଥିବା ଜେଡିଏସ୍ ତତ୍କାଳ କଂଗ୍ରେସର ସମର୍ଥନ ପ୍ରସ୍ତାବକୁ ଗ୍ରହଣ କରି ସରକାର ଗଠନ ନିମନ୍ତେ ରାଜ୍ୟପାଳଙ୍କ ନିକଟରେ ଦାବି ପେସ୍ କରିଛି । ଏବେ ରାଜ୍ୟପାଳଙ୍କ କୋର୍ଟରେ ବଲ୍ ରହିଛି । ଉଲ୍ଲେଖଯୋଗ୍ୟ ଯେ, ଏହା ପୂର୍ବରୁ ଏକକ ସଂଖ୍ୟାଗରିଷ୍ଠ ଦଳ ବିଜେପିର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ବିଏସ୍ ୟେଦୁରାପ୍ପା ରାଜ୍ୟପାଳଙ୍କୁ ଭେଟି ସରକାର ଗଢ଼ିବାକୁ ଦାବି କରିଥିଲେ ।

୨୨୪ ଆସନ ବିଶିଷ୍ଟ କର୍ଣ୍ଣାଟକ ବିଧାନସଭାର ୨୨୨ ଆସନ ଲାଗି ଗତ ୧୨ ତାରିଖରେ ଅନୁଷ୍ଠିତ ନିର୍ବାଚନର ଫଳାଫଳ ଆଜି ପ୍ରକାଶ ପାଇଛି । ବିଜେପି ୧୦୪ ଆସନ ପାଇ ସବୁଠୁ ଆଗରେ ରହିଥିଲେ ମଧ୍ୟ ମ୍ୟାଜିକ୍ ନମ୍ବର ଠାରୁ ୮ ଆସନ ପଛରେ ପଡ଼ିଯାଇଛି । କଂଗ୍ରେସ ୭୮ ଓ ଜେଡିଏସ୍ ୩୭ ଆସନ ଅକ୍ତିଆର କରିଛନ୍ତି । ମ୍ୟାଜିକ୍ ନମ୍ବର ହେଉଛି ୧୧୨ । ବିଜେପିର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ୟେଦୁରାପ୍ପା ଦଳୀୟ ନେତା ତଥା କେନ୍ଦ୍ରମନ୍ତ୍ରୀ ଅନନ୍ତ କୁମାରଙ୍କ ସହ ରାଜଭବନରେ ରାଜ୍ୟପାଳ ବାଜୁଭାଇ ବାଲାଙ୍କୁ ଭେଟି ସରକାର ଗଠନ ପାଇଁ ଦାବି ଜଣାଇଛନ୍ତି । ଝୁଲା ବିଧାନସଭା ସ୍ଥିତିରେ ଯେପରି ଗୋଆ ଓ ମଣିପୁର ପରିସ୍ଥିତିର ପୁନରାବୃତ୍ତି ନ ଘଟେ ସେଥିପାଇଁ କଂଗ୍ରେସ ତୁରନ୍ତ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍‌ଡି ଦେବେଗୌଡ଼ାଙ୍କ ଜେଡିଏସ୍ ସହ ହାତ ମିଳାଇଛି । ଦେବେଗୌଡାଙ୍କ ପୁଅ ଏଚ୍‌ଡି କୁମାର ସ୍ୱାମୀଙ୍କୁ କଂଗ୍ରେସର ନିଃସର୍ତ୍ତ ସମର୍ଥନ ପରେ କୁମାରସ୍ୱାମୀ ରାଜ୍ୟପାଳଙ୍କୁ ଭେଟି ମେଣ୍ଟ ସରକାର ଗଠନ ପାଇଁ ଦାବି କରିଛନ୍ତି । କୁମାରସ୍ୱାମୀ ଆଜି ସନ୍ଧ୍ୟା ୫.୩୦ରେ ରାଜଭବନକୁ ଯାଇ ରାଜ୍ୟପାଳ ବାଜୁଭାଇ ବାଲାଙ୍କୁ ଭେଟିଛନ୍ତି । ଗୋଟିଏ ପଟେ ବିଜେପି ଏବଂ ଅନ୍ୟ ପଟେ ଜେଡିଏସ୍ - କଂଗ୍ରେସର ସରକାର ଗଠନ ପାଇଁ ଦାବି ରାଜ୍ୟପାଳଙ୍କୁ ଦୋଛକିରେ ପକାଇଛି ।




ରାଜ୍ୟପାଳ ଏକକ ସଂଖ୍ୟାଗରିଷ୍ଠ ଦଳ ବିଜେପିକୁ ସରକାର ଗଢ଼ିବାକୁ ପ୍ରଥମେ ଡାକିବେ କି ଜେଡିଏସ୍ - କଂଗ୍ରେସ ମେଣ୍ଟକୁ ଡାକିବେ, ତାହା ଏବେ ତାଙ୍କ ଉପରେ ନିର୍ଭର କରୁଛି । ଉଲ୍ଲେଖଯୋଗ୍ୟ, ଆଜି ଅପରାହ୍ନରେ ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟା ରାଜ୍ୟପାଳଙ୍କୁ ଭେଟି ଇସ୍ତଫାପତ୍ର ପ୍ରଦାନ କରିଛନ୍ତି । ▶▶ ୭

## କଂଗ୍ରେସରେ ବିଦ୍ରୋହ !

ଏବେ କର୍ଣ୍ଣାଟକ କଂଗ୍ରେସରେ ଘରେ ନପଶୁଣୁ ଚାଳ ବାଜିବା ଭଳି ପରିସ୍ଥିତି ଦେଖାଦେଇଛି । କଂଗ୍ରେସ-ଜେଡିଏସ୍ ସହ ମିଶି ସରକାର ଗଠନ କରିବାକୁ ପ୍ରସ୍ତୁତ ହେଉଥିବା ବେଳେ ଉପମୁଖ୍ୟମନ୍ତ୍ରୀ ପଦକୁ ନେଇ ବିବାଦ ସୃଷ୍ଟି ହୋଇଛି । ବୁଝାମଣା ଅନୁଯାୟୀ ଜେଡିଏସ୍‌ର ଏଚ୍‌ଡି କୁମାରସ୍ୱାମୀ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ହେବେ । ସେହିପରି ଉପମୁଖ୍ୟମନ୍ତ୍ରୀ କଂଗ୍ରେସ ବାଛିବ । ହେଲେ ଜେଡିଏସ୍ କଂଗ୍ରେସର ବରିଷ୍ଠ ନେତା ତଥା ଦଳିତ ନେତା ପରମେଶ୍ୱରଙ୍କୁ ଉପ ମୁଖ୍ୟମନ୍ତ୍ରୀ ଭାବେ ଦେଖିବାକୁ ଚାହୁଁଛି । କିନ୍ତୁ ଅନ୍ୟପଟେ କଂଗ୍ରେସର ଅନ୍ୟତମ ବରିଷ୍ଠ କଂଗ୍ରେସ ନେତା ଡିକେ ଶିବକୁମାର ଉପମୁଖ୍ୟମନ୍ତ୍ରୀ ହେବାକୁ ଚାହୁଁଛନ୍ତି । ଯାହାକୁ ନେଇ ଏବେ କଂଗ୍ରେସରେ ତିକ୍ତତା ଆରମ୍ଭ ହୋଇଯାଇଛି । ଶିବକୁମାରଙ୍କ ଦବଦବା ଦଳ ମଧ୍ୟରେ ରହିଛି । ଯଦି ସେ ଉପ ମୁଖ୍ୟମନ୍ତ୍ରୀ ନ ହୁଅନ୍ତି, ତାହେଲେ ଅନ୍ୟୂନ ୧୫ ଜଣ ବିଧାୟକ ଦଳ ଛାଡ଼ିବେ ବୋଲି ▶▶ ୭



## କଂଗ୍ରେସକୁ ଉଚିତ ଜବାବ

କର୍ଣ୍ଣାଟକ ନିର୍ବାଚନରେ କଂଗ୍ରେସକୁ ଉଚିତ ଜବାବ ମିଳିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । କର୍ଣ୍ଣାଟକ ନିର୍ବାଚନ ଫଳାଫଳ ଉପରେ ପ୍ରତିକ୍ରିୟା ପ୍ରକାଶ କରି ମୋଦି ନୂଆଦିଲ୍ଲୀ ଠାରେ ଦଳୀୟ କର୍ମୀଙ୍କୁ ଉଦ୍‌ବୋଧନ ଦେଲା ବେଳେ କହିଛନ୍ତି, କଂଗ୍ରେସ ନିଜର ରାଜନୀତିକ ଫାଇଦା ପାଇଁ ଦେଶର ସମ୍ବିଧାନକୁ ଆଘାତ ଦେଉଛି । ବିଜେପିକୁ ହିନ୍ଦୀ ଭାଷାଭାଷୀ ଅଞ୍ଚଳର ଦଳ ବୋଲି ବିରୋଧୀମାନେ କହୁଥିଲା ବେଳେ ଏବେ କର୍ଣ୍ଣାଟକ ଫଳାଫଳରୁ ସ୍ପଷ୍ଟ ହୋଇଯାଇଛି ଯେ, ବିଜେପି ସମଗ୍ର ଭାରତର ପ୍ରତିନିଧିତ୍ୱ କରୁଛି । ଗୋଆ, ଗୁଜରାଟ, ମହାରାଷ୍ଟ୍ର ଏବଂ ଉତ୍ତର-ପୂର୍ବାଞ୍ଚଳ ଭଳି ଅଣହିନ୍ଦୀ ଭାଷାଭାଷୀ ଅଞ୍ଚଳରେ ନିଜର କାୟା ବିସ୍ତାର କରି ବିବିଧତା ମଧ୍ୟରେ ଐକ୍ୟର ବାତାବରଣ ସୃଷ୍ଟି କରିଛି ବୋଲି ମୋଦି କହିଛନ୍ତି ।



## ଲଢ଼େଇ ଜାରି ରହିବ

କର୍ଣ୍ଣାଟକରେ କଂଗ୍ରେସକୁ ଭୋଟ୍ ଦେଇଥିବା ଜନସାଧାରଣଙ୍କୁ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧି କୃତଜ୍ଞତା ଜଣାଇଛନ୍ତି ଏବଂ ସେମାନଙ୍କ ପାଇଁ ଦଳର ଲଢ଼େଇ ଜାରି ରହିବ ବୋଲି କହିଛନ୍ତି । ବିଧାନସଭା ନିର୍ବାଚନରେ ଦଳୀୟ କର୍ମୀମାନେ ଉତ୍ସର୍ଗୀକୃତ ମନୋଭାବ ନେଇ କଠିନ ପରିଶ୍ରମ କରିଥିବାରୁ ସେ ସେମାନଙ୍କୁ ଧନ୍ୟବାଦ ଦେଇଛନ୍ତି ।